**ସଂକ୍ଷେପରେ**

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୁନ୍ଦୁରା, ୪।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି କଲୋନୀଗୁଡ଼ା ଗ୍ରାମର ଜଣେ ଯୁବକ ଶନିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ କଲୋନୀଗୁଡାର ପର୍ଶୁରାମ ଗୌଡ। ପର୍ଶୁରାମ ନିଜ ଘରଠାରୁ ୨ କି.ମି. ଦୂରରେ ଥିବା ଜମିକୁ କାମ କରିବାକୁ ଯାଇ ଅପରାହ୍ନ ୫ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ମା ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଦୀର୍ଘ ସମୟ ଭାଲୁସହ ସଂଘର୍ଷ କରି ତା' କବଳରୁ ମୁକୁଳିଥିଲେ। ତାଙ୍କ ଡ଼ାହାଣ ହାତରେ ଗଭୀର ଆଘାତ ଲାଗିଛି। ସୂଚନାଯୋଗ୍ୟ, ପୂର୍ବରୁ ଦୋରାଗୁଡ଼ା ଅଞ୍ଚଳର ଜଣେ ବୃଦ୍ଧଙ୍କ ଭାଲୁ ଆକ୍ରମଣ ମୃତ୍ୟୁ ଘଟିଥିବା ବେଳେ ବାଘଗୁଡ଼ା ଗ୍ରାମର ଜଣେ ଯୁବକ ଗୁରୁତର ହୋଇଥିଲେ।

## ଦେଶୀ ମଦ ଚୋରାଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୪।୫(ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ କୁମୁଲିପୁଟର ବିଷ୍ଣୁ ବାହାଦୁର। ବିଷ୍ଣୁ ଦେଶୀ ମଦ ପ୍ୟାକେଟ୍ କରି ଚାଲାଣ କରୁଥିବା ସୂଚନା ପାଇ କୁମୁଲିପୁଟ ରାସ୍ତାରେ କର୍ମଚାରୀମାନେ ଚଢାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୫୦ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ପରେ ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଆଇସି ନିଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

## ମାଥାଲପୁଟ ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ

ଦାମନଯୋଡ଼ି,୪।୫ (ମାନସ ରଞ୍ଜନ କର)

ଦାମନଯୋଡ଼ି ଉପକଣ୍ଠ ମାଥାଲପୁଟ ବଜାରରେ ଥିବା ରାଧାକୃଷ୍ଣ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ହେଉଥିବା ଏହି ଉତ୍ସବରେ ଶନିବାର ସକାଳେ କଳସ ଶୋଭାଯାତ୍ରା ହୋଇଥିଲା। ଶତାଧିକ ମହିଳା ଶ୍ରଦ୍ଧାଳୁ ସ୍ଥାନୀୟ ମରିଚମାଳ ନଦୀରୁ ଜଳ କଳସ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ରବିବାର ମନ୍ଦିର ପରିସରରେ ଶ୍ରୀରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ସହ ଅଷ୍ଟପ୍ରହର ନାମଯଜ୍ଞ, ଘୃତଯଜ୍ଞ, ଦୀପଯଜ୍ଞ ଆଦି ହୋଇଥିଲା। ମନ୍ଦିର ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେବତା ପୂଜାନୀତି ତୁଲାଇଥିଲେ। ହରିବନ୍ଧୁ ବିଶ୍ୱାଳ,ସୁଦାମ ବାରିକ, କେ.ଶଙ୍କର ପାତ୍ର, ଦେବାନନ୍ଦ ଶରାବଙ୍କ ସହ ଗ୍ରାମବାସୀ ଉତ୍ସବରେ ସହଯୋଗ କରିଥିଲେ।

## ଡ. ଚିତ୍ତରଞ୍ଜନ ମିଶ୍ର ଏସ୍‌ଭିଏମ୍‌ର ନୂଆ ସମ୍ପାଦକ

ଦାମନଯୋଡ଼ି, ୪।୫ (ମାନସ ରଞ୍ଜନ କର)

ନାଲ୍‌କୋ ଦ୍ୱାରା ପରିଚାଳିତ ସରସ୍ୱତୀ ବିଦ୍ୟାମନ୍ଦିର (ଏସ୍‌ଭିଏମ୍)ର ନୂତନ ସମ୍ପାଦକ ଭାବେ ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶିକ୍ଷା ବିକାଶ ସମିତି, ଓଡ଼ିଶା ପକ୍ଷରୁ ଡ. ମିଶ୍ରଙ୍କୁ ପୁନର୍ବାର ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ସେ ୨୦୦୭ରୁ ୨୦୧୮ ପର୍ଯ୍ୟନ୍ତ ଏହି ବିଦ୍ୟାଳୟର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ବିଦ୍ୟାଳୟର ଶୈକ୍ଷିକ ଓ ସାମଗ୍ରିକ ବିକାଶ ଦିଗରେ ସେ କାର୍ଯ୍ୟ କରିବେ ବୋଲି ଏହି ଅବସରରେ କହିଛନ୍ତି।

# କୁନ୍ଦୁରାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



କୋରାପୁଟ ଜିଲା କୁନ୍ଦୁରାରେ ପୋଲିସ ପକ୍ଷରୁ କରାଯାଉଥିବା ଫ୍ଲାଗ୍‌ମାର୍ଚ୍ଚ।

କୁନ୍ଦୁରା, ୪।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର କେରିମିଟି, ଲିମା, କୁନ୍ଦୁରା ଏବଂ ରାଣୀଗୁଡ଼ାଠାରେ କୁନ୍ଦୁରା ପୋଲିସ ପକ୍ଷରୁ ଶନିବାର ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଏହି ସମୟରେ ଜୟପୁର ଏସ୍‌ଡିପିଓ ଅଙ୍କିତ ବର୍ମ୍ମା ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକ ଅଧୀନରେ ରହିଥିବା କିଛି ସ୍ଥାନରେ ଅତି ସମ୍ବେଦନଶୀଳ ବୁଥ ରହିଥିବାରୁ ନିର୍ବାଚନ ବେଳେ କିଛି ଅଘଟଣ ଘଟିବା ଆଶଙ୍କାରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଏସ୍‌ଡିପିଓ ବର୍ମା କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ କୁନ୍ଦୁରା ଥାନା ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନି,ଏଏସଆଇ ମୀନକେତନ ପାତ୍ର, ପୁରୁଷୋତ୍ତମ ରାୟ,ସନାତନ ସୁନାନି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଫ୍ଲାଗମାର୍ଚ୍ଚରେ ସୀମା ସୁରକ୍ଷା ବାହିନୀର ୪୦ ଜଣିଆ ଟିମ ସାମିଲ ହୋଇଥିଲେ।

## ୩ ଲୁଟେରା ଗିରଫ: ବାଇକ୍,ମୋବାଇଲ ସହ ଖଣ୍ଡା ଜବତ

କୁନ୍ଦୁରା, ୪।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ପୋଲିସ ଶନିବାର ୩ ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବାଇକ୍,ମୋବାଇଲ ଓ ଖଣ୍ଡା ଜବତ କରାଯାଇଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ କହିଛନ୍ତି। ଗିରଫ ୩ ଅଭିଯୁକ୍ତ ହେଲେ ମାଝିଗୁଡ଼ା ଗ୍ରାମର ମନୋଜ ସଗରିଆ, କାଳିଆଗାଁ ଗ୍ରାମର ରଞ୍ଜନ ହରିଜନ ଏବଂ ଜଣେ ନାବାଳକ ବୋଲି ଜଣାପଡ଼ିଛି। ଏହି ୩ ଜଣ ଜାତୀୟ ରାଜପଥରେ ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ କରୁଥିଲେ। ଏନେଇ ଅଭିଯୋଗ ହେବା ପରେ କୁନ୍ଦୁରା ଥାନାର ଏକ ଟିମ୍ କିଛିଦିନ ହେଲା ଲୁଟେରାମାନଙ୍କ ଉପରେ ନଜର ରଖିଥିଲେ। ନାବାଳକ ଜଣଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିବା ବେଳେ ଅନ୍ୟ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରଧାନୀ ସୂଚନା ଦେଇଛନ୍ତି। ତେବେ ସ୍ଥାନୀୟ ଅଞ୍ଚଳରେ ଗତ ଦିନରେ ଘର ଏବଂ ଦୋକାନଗୁଡିକରେ ହୋଇଥିବା ଡକାୟତି ଘଟଣାରେ ଏମାନଙ୍କ ସମ୍ପୃକ୍ତି ରହିଛି କି ନାହିଁ ତାହା ଜଣାପଡ଼ିନାହିଁ। ଏମାନଙ୍କ ନାମରେ ୬୨/୨୪ରେ ଏକ ମାମଲା ରୁଜୁ ହେବା ସହ ଆର୍ମସ୍ ଆକ୍ଟ ମଧ୍ୟ ଲାଗୁ ହୋଇଥିବା ଥାନା ଅଧିକାରୀ ପ୍ରଧାନୀ କହିଛନ୍ତି।





ଗିରଫ ୩ ଅଭିଯୁକ୍ତ।

## ବିଜେଡିରେ ଯୋଗ ଦେଲେ ଜିଲା ମହିଳା କଂଗ୍ରେସ ସାଧାରଣ ସମ୍ପାଦକ

ଜୟପୁର, ୪।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କଂଗ୍ରେସର ଜିଲା ମହିଳା ସାଧାରଣ ସମ୍ପାଦକ ସୁଜାତା ଆଶା ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ସୁଜାତା ଜୟପୁର ପୌରାଞ୍ଚଳର ୫ ନମ୍ବର ୱାର୍ଡରେ ରହୁଛନ୍ତି। ସେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି ।

## ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ପାରଳାଖେମୁଣ୍ଡି, ୪।୫ (ଗିରିଧାରୀ ପରିଛା)

ଆସନ୍ତା ୧୩ ତାରିଖ ଦିନ ହେବାକୁ ନିର୍ବାଚନ ପାଇଁ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ କରାଯାଇଛି । ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାରେ ନିରପେକ୍ଷ ଓ ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ପୁଲିସ ପ୍ରଶାସନ ତତ୍ପର ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ଶନିବାର ବିଏସଏଫ ଓ ପୋଲିସ ପକ୍ଷରୁ ମିଳିତ ଫ୍ଲାଗମାର୍ଚ୍ଚ କରାଯାଇଛି। ପାରଳାଖେମୁଣ୍ଡି ସହରର ବିଭିନ୍ନ ଅଞ୍ଚରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି।

## କବାଟ ଭାଙ୍ଗି ସୁନାଗହଣା, ଟଙ୍କା ଚୋରି

ଖଲ୍ଲିକୋଟ,୪।୫(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର (ଲୋଙ୍ଘର) ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ରବିନାରାୟଣ ପଣ୍ଡାଙ୍କ ଘରେ ଚୋର ପଶି କବାଟ ଗେଡା ଭାଙ୍ଗି ଟଙ୍କା, ସୁନା ଚୋରି କରିନେଇ ଯାଇଛନ୍ତି। ଘରେ କେବଳ ରବିଙ୍କ ମା ଏକା ରହିଥିଲେ। ସେ ଶୋଇଥିବା ବେଳେ ଚୋରମାନେ କବାଟ ଗେଡା ଭାଙ୍ଗି ଘରେ ପଶି ସୁନା, ଟଙ୍କା ଚୋରି କରିନେଇଥିଲେ। ଶନିବାର ଏ ନେଇ ଖଲ୍ଲିକୋଟ ଥାନାରେ ରବି ଏତଲା ଦେଇଛନ୍ତି।

## ନିଜ ମତଦାନ ସାବ୍ୟସ୍ତ କଲେ ୩୧ ଭୋଟର

ପଟ୍ଟାଙ୍ଗି,୪।୫(ଶରତ ଧଳ)

**ଘରେ ରହି ମତଦାନ କାର୍ଯ୍ୟକ୍ରମ**

ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ଆଉ ଅଳ୍ପ କିଛି ଦିନ ବାକି ରହିଛି। ଏହା ପୂର୍ବରୁ ଯେଉଁ ଭୋଟର୍‌ମାନେ ମତଦାନ କେନ୍ଦ୍ରରେ ପହଞ୍ଚି ମତଦାନ କରିବାକୁ ସକ୍ଷମ ନୁହଁନ୍ତି ସେମାନଙ୍କ ନିକଟରେ ପ୍ରଶାସନ ପହଞ୍ଚି ତାଙ୍କଠାରୁ ମତଦାନ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି। ଏପରି କାର୍ଯ୍ୟକ୍ରମ ପ୍ରଥମଥର ନିର୍ବାଚନ ସମୟରେ ଆରମ୍ଭ ହୋଇଥିବାରୁ ନିର୍ବାଚନରେ ନିଜ ମତଦାନ ସାବ୍ୟସ୍ଥ କରିପାରୁ ନ ଥିବା ମତଦାତା ସେମାନଙ୍କ ମତଦାନ ସୁବିଧାରେ କରିପାରିବେ। ଏନେଇ ସେମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରି କାର୍ଯ୍ୟକ୍ରମ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ଅଧୀନରେ ଥିବା ୧୪ଟି ପଞ୍ଚାୟତ ମଧ୍ୟରୁ କୋଟିଆ, ମାଳିପୁଟ, ଦେଓପଟ୍ଟାଙ୍ଗି, ପୁକାଲି, ଚନ୍ଦକା, ପେଟ୍ରୁ, ରାଲେଗଡା, ଗାଙ୍ଗରାଜପୁର, ନୂଆଗାଁ ଏବଂ ପଟ୍ଟାଙ୍ଗି ଆଦି ୧୦ଟି ପଞ୍ଚାୟତରୁ ଆସିଥିବା ୩୧ଟି ଦରଖାସ୍ତକୁ ବିଚାରକୁ ନେଇ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ସୁକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିଂ ପର୍ସନାଲ୍, ପୋଲିସ ପ୍ରଶାସନ, ଜିପିଓ, ପିଇଓ ଦିବାକର ପୁରୋହିତ, ବିଏସ୍‌ଏସ୍‌ଓ ସୁଧୀର ସାହୁ ଦୁଇ ପ୍ରିଜାଇଡିଂ ଅଫିସର ମହେଶ୍ୱର ବେହେରା, ବୈଲ୍ୟଚନ ରଣା ଭୋଟ୍‌ଦାନ କେନ୍ଦ୍ରରେ ପହଞ୍ଚି ନ ପାରୁଥିବା ଭୋଟର୍‌ଙ୍କ ନିକଟରେ ପହଞ୍ଚି ସେମାନଙ୍କ ମତଦାନ ଗ୍ରହଣ କରିଥିଲେ। ଘରେ ରହି ନିଜ ମତଦାନ ସାବ୍ୟସ୍ତ କରିଥିବାରୁ ସମ୍ପୃକ୍ତ ଭୋଟର୍‌ଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ଶାନ୍ତିଶୃଙ୍ଖଳାର ସହ ସରିଲା ଗୃହ ମତଦାନ କାର୍ଯ୍ୟକ୍ରମ

ଜୟପୁର, ୪।୫(ପବନ ପାଣିଗ୍ରାହୀ)

ଆସନ୍ତା ମେ ୧୩ ତାରିଖରେ ହେବ ସାଧାରଣ ନିର୍ବାଚନ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଏଥର ଗୃହ ମତଦାନର ବ୍ୟବସ୍ଥା କରାଯାଇଛି। ସକାଳ ୭ଟାରେ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଛି । ଜୟପୁର ନିର୍ବାଚନ ମଣ୍ଡଳୀରେ ୧୧୧ ଜଣ ଗୃହ ମତଦାନ ଭୋଟର ରହିଛନ୍ତି । ଯେଉଁମାନେ ମତଦାନ କେନ୍ଦ୍ରକୁ ଯାଇପାରିବେ ନାହିଁ ସେହି ବରିଷ୍ଠ ନାଗରିକ, ଅସୁସ୍ଥ, ଦିବ୍ୟାଙ୍ଗଙ୍କ ପାଇଁ ଗୃହ ମତଦାନର ବ୍ୟବସ୍ଥା ହୋଇଛି । ଶନିବାର ଶାନ୍ତିଶୃଙ୍ଖଳାର ସହ ଏଥିପାଇଁ ଭୋଟ ଗ୍ରହଣ ଶେଷ ହୋଇଛି । ଏହି ମତଦାନ କାର୍ଯ୍ୟକ୍ରମ ଲାଗି ଜୟପୁର ନିର୍ବାଚନ ମଣ୍ଡଳୀ ପାଇଁ ୯ ଟିମ୍ କରାଯାଇଥିଲା। ଗୋଟିଏ ଟିମରେ ୫ ଜଣ କର୍ମଚାରୀ ନିୟୋଜିତ ଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଇନ ସଚେତନତା ଶିବିର

ଜୟପୁର,୪।୫(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ଜର୍ବ୍ୟବସ୍ତୁ ପରିଚାଳନା ଏବଂ ଜନ ଉପଯୋଗୀ ଓ ଲୋକ ଅଦାଲତ ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ପ୍ରାଧିକରଣ ସଚିବ ଓ ଅନ୍ୟତମ ଅତିଥି ରୂପେ ହରିଶ୍ଚନ୍ଦ୍ର ମୁଦୁଲି ଯୋଗ ଦେଇଥିଲେ। ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଦେୱାନି, ଫୌଜଦାରି(ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ବିବାଦର ସମାଧାନ ନେଇ ଶିବିରରେ ଉପସ୍ଥିତ ଜନସାଧାରଣଙ୍କୁ ଅତିଥିମାନେ ଅବଗତ କରାଇଥିଲେ। ଏହାବ୍ୟତୀତ ଜନ ଉପଯୋଗୀ କାର୍ଯ୍ୟାଳୟରେ ଜନସାଧାରଣଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ଯଥା ବିଧବାଭତ୍ତା, ବାର୍ଦ୍ଧକ୍ୟଭତ୍ତା, ଟେଲିଫୋନ୍, ରାସ୍ତା, ବିଦ୍ୟୁତ୍, ପାଣି, ରାଶନକାର୍ଡ, ଗମନାଗମନ ସୁବିଧାରୁ ଯଦି ବଞ୍ଚିତ ହେଉଥିବେ ତେବେ ପବ୍ଲିକ୍ ୟୁଟିଲିଟି ସର୍ଭିସ୍ ମାଧ୍ୟମରେ ସମସ୍ତ ଯୋଗ୍ୟ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଉଭୟ ଅତିଥି ଅବଗତ କରାଇଥିଲେ।

## ଶ୍ରୀଅରବିନ୍ଦ ଯୁବଛାତ୍ର ଶିକ୍ଷା ଶିବିର ଉଦ୍‌ଘାଟିତ

ଦାମନଯୋଡ଼ି,୪।୫ (ମାନସ ରଞ୍ଜନ କର)

ଦାମନଯୋଡ଼ିରେ ଶ୍ରୀଅରବିନ୍ଦ ଯୁବଛାତ୍ର ଶିକ୍ଷା ଶିବିର ଭେଜାପୁଟ ସତ୍‌ସଙ୍ଗସ୍ଥିତ ଶ୍ରୀଅରବିନ୍ଦ ସେଣ୍ଟ୍ରାଲ ଷ୍ଟଡି ସର୍କଲଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୩ଦିନ ଧରି ହୋଇଥିଲା। ମାତୃପତାକା ଉତ୍ତୋଳନ, ମାର୍ଚ୍ଚପାଷ୍ଟ ଓ ବନ୍ଦେମାତରମ୍ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ 'ପୂର୍ଣ୍ଣଯୋଗ ଓ ଆମର କର୍ତ୍ତବ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକ ରୂପେ ବିକାଶ ରଞ୍ଜନ ପରିଡ଼ା ଓ ପ୍ରଭାତ ନାୟକ ଯୋଗଦେଇଥିଲେ। ପ୍ରଶାନ୍ତ ସ୍ୱାଇଁ ପରିଚାଳନା କରିଥିଲେ। ତିନୋଟି ଅଧିବେଶନରେ ହୋଇଥିବା ସକାଳେ ଦଳଗତ ଆଲୋଚନା, ଅପରାହ୍ନରେ 'ଏକ ନୂଆ ଜୀବନ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳା ସନ୍ଧ୍ୟାରେ 'ଜୀବନ ବଞ୍ଚିବାର କଳା' ଶୀର୍ଷକରେ ଆଲୋଚନା ହୋଇଥିଲା। ୩ଦିନ ଧରି ଚାଲିଥିବା ଏହି ଶିବିର ରବିବାର ଉଦ୍‌ଯାପନ ହେବ। ଶିବିରରେ ପିଲାଙ୍କ ମଧ୍ୟରେ ଖେଳ କସରତ, ସଭିଏଁ ମିଶି ପାହାଡ଼ ଚଢ଼ିବା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ପରିଚାଳନା କମିଟି ସଭାପତି ବୁଲୁଚରଣ ଦାସ, କମଳାକାନ୍ତ ନାୟକ, ତାରିଣୀ ପତି, ଅଶୋକ ସେଠୀ, ଅସମ୍ପିତା ପୋଦାର, ସଞ୍ଜୟ ମହାପାତ୍ର ଏହାକୁ ପରିଚାଳନା କରିଥିଲେ।



ଶ୍ରୀଅରବିନ୍ଦ ସେଣ୍ଟ୍ରାଲ ଷ୍ଟଡି ସର୍କଲଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚାଲିଥିବା ଖେଳ କସରତ କାର୍ଯ୍ୟକ୍ରମ।

## ମା'ତାରିଣୀଙ୍କ ବାର୍ଷିକୋତ୍ସବ

ସେମିଳିଗୁଡ଼ା/ସୁନାବେଡ଼ା,୪।୫
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ମା' ତାରିଣୀଙ୍କ ୧୮ ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିଚାଳନ କମିଟି ପକ୍ଷରୁ ମନ୍ଦିର ପରିସରକୁ ସାଜସଜ୍ଜା କରାଯାଇଥିଲା। ଏହି ଉତ୍ସବ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ସହରର ବିଭିନ୍ନ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କୁ ନେଇ କଳସଯାତ୍ରା ହୋଇଥିଲା। ସେମିଳିଗୁଡ଼ା-ଦାମନଯୋଡ଼ି ରାସ୍ତାର ମରିଚମାଳ ନଦୀରୁ ଜଳକଳସ ଉଠାଯାଇଥିଲା। ଏହି କଳସଯାତ୍ରାରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଶନିବାର ମା' ଙ୍କ ରୀତିନୀତି ସହ ସୂର୍ଯ୍ୟପୂଜା, ଗୁରୁପୂଜା, ଅଗ୍ନି ସ୍ଥାପନା ହୋଇଥିଲା। ରବିବାର ଦେବୀଙ୍କ ସ୍ନାନ ଓ ହୋମଯଜ୍ଞ ହୋଇ ସୋମବାର ସନ୍ଧ୍ୟା ୭ଟାରେ ପୂର୍ଣ୍ଣାହୁତି ହେବ ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।



ମରିଚମାଳ ନଦୀରୁ ଜଳ ଉଠାଇବା ପରେ ବାହାରିଥିବା କଳସ ଶୋଭାଯାତ୍ରା।

## ଦଶମନ୍ତପୁର ବ୍ଲକ୍‌ରେ କଂଗ୍ରେସର ରଣନୀତି ସମୀକ୍ଷା

ଦଶମନ୍ତପୁର,୪।୫ (ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ୍‌ର ଏକ କଲ୍ୟାଣ ମଣ୍ଡପରେ ବ୍ଲକ କଂଗ୍ରେସର ଏକ ବୈଠକ ସହ ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବେଣୁଧର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଆସିଥବା ପଞ୍ଚାୟତ ସଭାପତି ଓ କର୍ମୀମାନେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ଲାଗି ରଣନୀତି ପ୍ରସ୍ତୁତ କରି ବର୍ତ୍ତମାନର ସ୍ଥିତି ଉପରେ ସମୀକ୍ଷା କରିଥିଲେ। ବୈଠକରେ କଂଗ୍ରେସ ଦଳକୁ ଅନୁପ୍ରାଣିତ ହୋଇ ଟିକ୍ରାମ୍ବ ପଞ୍ଚାୟତ ଅନ୍ତର୍ଗତ ଉପର ଗଦେଳା ଗ୍ରାମରୁ ଖଗପତି ଜାନି, ସବା ଜାନି, ଭୀମ ଜାନି, ରାଜ ଖୋସ୍‌ଲା, ଟୁନା ମୁଦୁଲି, ଟୁଇନୁ ଜାନି, ଜଗେ ଜାନି,ମେଟା ମୁଦୁଲି, ବାଷ୍ପତି ମୁଦୁଲି, ଫୁଲଧାର ମୁଦୁଲି, ବନ୍ଦେ ଜାନି, ଗୁଜୁ ମୁଦୁଲି, ଟିକ୍ରାମ୍ବର ଜାନି, ଗୋପାଳ ମୁଦୁଲି, ଜଗବନ୍ଧୁ ଜାନି ପ୍ରମୁଖ ଏହି ଅବସରରେ କଂଗ୍ରେସରେ ଯୋଗଦେଇଥିଲେ। କଂଗ୍ରେସର ପୂର୍ବତନ ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକା, ବ୍ଲକ ସମ୍ପାଦକ ମୋହନ ପାତ୍ର ହିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଂଗ୍ରେସରେ ଯୋଗଦେଇଥିବା ଗଦଳା ଗ୍ରାମର ଯୁବତୀଯୁବକ।

## ବରିଷ୍ଠ ନାଗରିକଙ୍କୁ ନେଇ ଘରୋଇ ମତଦାନ କାର୍ଯ୍ୟକ୍ରମ

ଦଶମନ୍ତପୁର,୪।୫ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଶନିବାର ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଘରୋଇ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତ, ପୋଡ଼ାଗଡ଼, ଲୁଲା ପଞ୍ଚାୟତ, ଗାଦିଆଗୁଡା ପଞ୍ଚାୟତରେ ରହୁଥିବା ଭିନ୍ନକ୍ଷମ ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ନେଇ ଏହି ଘରୋଇ ଭୋଟ ଗ୍ରହଣ କାର୍ଯ୍ୟକ୍ରମ ହୋଇଥିଲା। ଆସନ୍ତା ମେ ୧୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ କାର୍ଯ୍ୟ କ୍ରମ ହେବ। ଯେଉଁ ବୟସ୍କ ବ୍ୟକ୍ତି ଓ ଭିନ୍ନକ୍ଷମମାନେ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ମତଦାନ କରିବା ଲାଗି ଅସମର୍ଥ ସେମାନଙ୍କୁ ପୋଷ୍ଟାଲ ମାଧ୍ୟମରେ ଭୋଟଦାନ ଲାଗି ପଦକ୍ଷେପ ନିଆଯିବ ବୋଲି ପୋଲିଂ ଅଧିକାରୀ କହିଛନ୍ତି। ପ୍ରଥମେ ୭.୧୫ ମିନିଟରେ ମୁର୍କାର ପଞ୍ଚାୟତ ମୁଣ୍ଡା ଝୋଲା ଗ୍ରାମର ଦାମୋଦର ମିଣିଆକା, ଟିକାରାପୋଡ଼ା ଗ୍ରାମର ଡାଲମେ ମେଲେକା, ଡଙ୍ଗରୁ ଚେଟ୍ଟିଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ କଡା ସୁରକ୍ଷା ବ୍ୟବସ୍ଥାରେ ସେମାନଙ୍କ ମତଦାନ କରିବେ। ଦଶମନ୍ତପୁର ବ୍ଲକରେ ୫୫ ହଜାର ୨୧୧ ଜଣ ମହିଳା ଓ ପୁରୁଷ ମାତଦାତା ରହିଛନ୍ତି। ସେମାନଙ୍କ ମଧ୍ୟର ୨୧ ଜଣ ପୋଷ୍ଟାଲ ମାଧ୍ୟମରେ ମତଦାନ କରିବେ। ଏହି ବରିଷ୍ଠ ନାଗରିକମାନଙ୍କ ମତଦାନ ସମୟରେ ପୋଲିଂ ଅଧିକାରୀ ଗଣେଶ୍ୱର କୁଳଦୀପ, ଅତିରିକ୍ତ ପୋଲିଂ ଅଧିକାରୀ ରବି ତାମ୍ବାରି, ପର୍ଯ୍ୟବେକ୍ଷକ ଜି.ମୁରଲି କ୍ରିଷ୍ଣା, ବିଏଲ୍‌ଓ ଗୋବର୍ଦ୍ଧନ ସାଉନ୍ତା ଓ ଗୃହରକ୍ଷୀ ଶତ୍ରୁଘ୍ନ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଜଣେ ବରିଷ୍ଠ ନାଗରିକ ଘରେ ମତଦାନ କରୁଛନ୍ତି।

**ସଂକ୍ଷେପରେ**

## ପାଟ୍ରୋଲିଂବେଳେ ଟ୍ରକ୍‌ରୁ ମିଳିଲା ୫୦୦ ବସ୍ତା ମହୁଲ

ଉମରକୋଟ, ୪।୫(ସନ୍ତୋଷ ଶତପଥୀ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ଅବକାରୀ ଆୟୁକ୍ତ ନରସିଂହ ଭୋଳ ଓ ନବରଙ୍ଗପୁର ଜିଲାପାଳ ଡକ୍ଟର କମଲଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଇ ଏହି ୫୦୦ ବସ୍ତା ମହୁଲ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲା ବୃନ୍ଦାବନଗଡ଼ ଅଞ୍ଚଳର ମହେଶ୍ୱର କୁମାର ନାଗେଶ ଓ ଭୂପେନ୍ଦ୍ର ଧ୍ରୁବ୍। ମହୁଲ ସବୁ ଛତିଶଗଡ଼ ଯାଉଥିବା ଅଭିଯୁକ୍ତମାନେ କହିଛନ୍ତି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଭ୍ରାମ୍ୟମାଣ ଏବଂ ୟୁନିଟ୍ ଅବକାରୀ ନିରୀକ୍ଷକ ଓ ଉମରକୋଟ ଓଆଇସି ଷ୍ଟାଫ୍‌ମାନଙ୍କ ସହ ଶନିବାର ସନ୍ଧ୍ୟାରେ ଥାଟବେଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଚଚା ପଟୁ ଝରିଗାଁ ଆଡ଼କୁ ଆସୁଥିବା ଏକ ଟ୍ରକ୍‌କୁ ସନ୍ଦେହରେ ଅଟକାଇଥିଲେ। ଗାଡ଼ିରୁ ମହୁଲ ବାସ୍ନା ଆସୁଥିବାରୁ ଟ୍ରକ୍‌କୁ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୫୦୦ ମହୁଲ ବସ୍ତା ଜବତ ହୋଇଥିଲା। ସେଥିରେ ପ୍ରାୟ ୧୭,୫୦୦ କିଗ୍ରା ମହୁଲ ଥିଲା। ମହୁଲର କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ଡ୍ରାଇଭର ମହେଶ୍ୱର କୁମାର ନାଗେଶ ଓ ହେଲ୍‌ପର ଭୂପେନ୍ଦ୍ର ଧ୍ରୁବଙ୍କୁ ଗିରଫ କରାଯାଇଛି। ଜବତ ମହୁଲକୁ ଉମରକୋଟ ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ଜିମାରେ ହସ୍ତାନ୍ତର କରାଯାଇଛି। ଜବତ ଟ୍ରକ୍‌କୁ ଉମରକୋଟ ଅବକାରୀ କାର୍ଯ୍ୟାଳୟରେ ରଖାଯାଇଛି। ଏବେ ଏହାର ତଦନ୍ତ ଚାଲିଛି। ଜବତ ମହୁଲର ବଜାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଚଢ଼ାଉରେ ନବରଙ୍ଗପୁର ଜିଲା ଅବକାରୀ ମୋବାଇଲ ୟୁନିଟର ଇନ୍‌ସ୍ପେକ୍ଟର ବି. ମଣ୍ଡଳ, ଏସ୍‌ଆଇ ବିଙ୍ଗରାଜ ଦାମୀ, ମୋବାଇଲ ୟୁନିଟ ଉମରକୋଟ ଅବକାରୀ ଇନ୍‌ସ୍ପେକ୍ଟର ରଞ୍ଜୁଲତା ବାରିକ, ଅବକାରୀ ଥାନା ଓଆଇସି ତିଳକ ରାମ ନାୟକ, ଉମରକୋଟ ଅବକାରୀ ଥାନା ଏଏସ୍‌ଆଇ ମାଖନ ହାଲଦାର, ଅବକାରୀ କନ୍‌ଷ୍ଟେବଳ ସୁବାସ ଗୌଡ଼, ଦେବାଶିଷ ଦାସ, ଅନନ୍ତ ମଲ୍ଲିକ, ପ୍ରସାଦ ବଳବନ୍ତରାୟ, ମହେନ୍ଦ୍ର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## କିରାମାହା ଗ୍ରାମରେ ଚୈତ୍ର ରେସା ପର୍ବ

ବ୍ରାହ୍ମଣୀଗାଁ,୪।୫,(ମନୋରଞ୍ଜନ ରଣା)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଝିଞ୍ଜିରିଗୁଡ଼ା ପଞ୍ଚାୟତର କିରାମାହା ବଡ଼ସାହିରେ ହିନ୍ଦୁ ଆଦିବାସୀମାନଙ୍କର ଧରଣୀ ପେନୁ ରେସା ଯାତ୍ରା ଏକ ପାରମ୍ପରିକ ପର୍ବ ଭାବେ ପାଳନ କରିଥାନ୍ତି। ହିନ୍ଦୁ ଆଦିବାସୀମାନଙ୍କର ଚଳିତ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଦିନ ଚୈତ୍ର ରେସା ପର୍ବ ଆରମ୍ଭ ହୋଇ ୧୧ ଦିନ ଧରି ଚାଲିଥାଏ। ପୂର୍ବ ପୁରୁଷରୁ ରୀତି ନୀତି ଅନୁସାରେ ଏହି ଚୈତ୍ର ରେସା ପର୍ବ ପାଳନ କରାଯାଏ। ଏହି ପୂଜାଟିରେ ମୁଖ୍ୟତଃ ନୂଆ ଆମ୍ବ, ମହୁଲ,ବିହନ ପୂଜା ଓ ଗୃହ ପାଳିତ ପଶୁ ମାନଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବା ପାଇଁ ଗୁହାଳ ପୂଜା କରିଥାନ୍ତି ବୋଲି ମୁଖ୍ୟ ଯାନୀ ଡ଼ାକାସା ମଳିକ କହିଛନ୍ତି।

# ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ସମର୍ଥକମାନେ।

ରାୟଗଡ଼ା/ଟିକିରି, ୪।୫
(ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ଟିକିରିସ୍ଥିତ ମୁସୁରୀପଦରଠାରେ ଶନିବାର ଆୟୋଜିତ ବିଶାଳ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ଯୋଗଦେଇଥିବା ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଭଲ ଅଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଏଥିସହ ବିଜୁ ସ୍ୱାସ୍ଥ୍ୟ ଟକଲ୍ୟାଣ ଯୋଜନା ସୁବିଧା ମିଳୁଛି କି? ମମତା ଯୋଜନା ସୁବିଧା ମିଳୁଛି କି? ଲକ୍ଷ୍ମୀ ବସ୍ ଭଲ ଅଛି କି? କାଳିଆ ଯୋଜନା ଭଲ କି? ନବୀନ ପଟ୍ଟନାୟକ ଭଲ କି? ଭଳି ବିଭିନ୍ନ ଯୋଜନାର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଲୋକେ ଖୁସି ହୋଇଥିଲେ। ମୁଖ୍ୟମନ୍ତ୍ରୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଲୋକମାନେ ହଁ ବୋଲି କହିଥିଲେ। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେଇ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାନ୍ତୁ ବୋଲି କହିଥିଲେ।

ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଆହୁରି ରୂପାନ୍ତରିକରଣ ଯୋଜନା କରିରିଛନ୍ତି। ସେଥିପାଇଁ ଯୋଡି ଶଙ୍ଖରେ ଏମ୍‌ପି ଓ ବିଧାୟକଙ୍କୁ ଭୋଟ ଦେଇ ବିଜେଡିକୁ ଜିତାଇବାକୁ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଥିଲେ। ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନଙ୍କ ହାତ ମୁଠାକୁ ଟାଣ କରନ୍ତୁ ଏବଂ ଓଡ଼ିଶାର ବିକାଶ ଦିଗରେ ସହଭାଗୀ ହୁଅନ୍ତୁ ବୋଲି ସେ କହିଥିଲେ। ବିଜେଡି ସରକାର କାଶୀପୁରରେ ନୂଆ ଡିଗ୍ରୀ କଲେଜ ଖୋଲିବା ସହ ଚାନ୍ଦିଲି, ମୁନିଗୁଡ଼ା ଓ ବିଷମକଟକକୁ ଏନଏସି ମାନ୍ୟତା ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦେଇଛି ବୋଲି କହିଥିଲେ। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଅଲେଖ ମହିମା ପୀଠ ରୂପାନ୍ତରଣ, ନୂଆ-ଓ ସ୍କଲାରସିପ, ମିଶନ ଶକ୍ତି, କାଳିଆ, ମମତା ଆଦି ଯୋଜନା ବିଜେଡି ସରକାର କରିଛି ବୋଲି କହିଥିଲେ। ଏଭଳିକି ବିଭିନ୍ନ ଯୋଜନା ଜନସାଧାରଣଙ୍କୁ କିଏ ଦେଇଛି ଉତ୍ତରରେ ଜନସାଧାରଣ ନବୀନ ପଟ୍ଟନାୟକଙ୍କ ନାଁ ନେଇଥିଲେ।

ଜିଲା ବିଜେଡି ସଭାପତି ଏନ୍.ଭାସ୍କର ରାଓ ଉପସ୍ଥିତ ଥିଲେ। କୋରାପୁଟ ଲୋକସଭା ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକ୍କା ବିକାଶ ଓ ମହିଳାସଶକ୍ତିକରଣ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଭାଜପା ଓ କଂଗ୍ରେସ ମିଥ୍ୟା ପ୍ରଚାର କରୁଛନ୍ତି ବୋଲି କୌଶଲ୍ୟା କହିଥିଲେ। ରାୟଗଡ଼ା ବିଧାନସଭା ପ୍ରାର୍ଥୀ ଅନୁସୟା ମାଝି, ଗୁଣପୁର ବିଧାନସଭା ପ୍ରାର୍ଥୀ ରଘୁନାଥ ଗମାଙ୍ଗ, ବିଷମକଟକ ବିଧାନସଭା ପ୍ରାର୍ଥୀ ଜଗନ୍ନାଥ ସାରକା ନିର୍ବାଚନ ପ୍ରଚାର କରି ଯୋଡି ଶଙ୍ଖରେ ଭୋଟ ଦେଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ।

ଏହି ସମାବେଶରେ ବିଜେଡ଼ି ରାଜ୍ୟ ସମ୍ପାଦକ ଜଗଦୀଶ ପାତ୍ର, ଅମୀୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ଜିଲା ପର୍ଯ୍ୟବେକ୍ଷକ ରଞ୍ଜିତ ରୟ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଜିଲା ଉପସଭାପତି ବିନାୟକ କର, ବି. ତିରୁପତି, ବିଜୟରତ୍ନ ଚୌଧୁରୀ, ସମ୍ପାଦକ ଭି. କିରଣ କୁମାର, ଯୁବ ବିଜେଡି ଜିଲା ସଭାପତି ଅବିନାଶ ବିଷୋୟୀ, ଉପସଭାପତି ଅମିତ ନାୟକ, ସାଧାରଣ ସମ୍ପାଦକ ହରପ୍ରସାଦ ନାୟକ, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ମହିଳା ବିଜେଡି ସଭାନେତ୍ରୀ ଶ୍ରମିତା ପାଢ଼ୀ, ଉପସଭାନେତ୍ରୀ ଭି. ଗୌରୀ ଜୟନ୍ତୀ, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝି, ବ୍ଲକ ସଭାପତି ବିନୋଦ ନାୟକ, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା କୃଷ୍ଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ବିପ୍ଳବ ଦେବ

ଗୁଣପୁର,୪।୫(ପ୍ରଦୀପ କୁମାର ପାଢୀ)

**ଗୁଣପୁରରେ ଭାଜପାର କର୍ମୀ ସମ୍ମିଳନୀ**

ରାୟଗଡା ଜିଲା ଗୁଣପୁର ଭାଜପାର ଏକ କର୍ମୀ ସମ୍ମିଳନୀ ସ୍ଥାନୀୟ ଅଞ୍ଚଳରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରମୋଦ ସାହୁ ସ୍ୱାଗତ ସୂଚନା ଦେଇଥିଲେ। ଏଥିରେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟସଭା ସଦସ୍ୟ ବିପ୍ଳବ କୁମାର ଦେବ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଯିଏ ନିଜେ ଶାସନ କରିପାରିବେ ଏବଂ ନିଷ୍ପତ୍ତି ନେଇପାରିବେ ସେପରି ଲୋକଙ୍କ ହାତରେ ସରକାର ଗଢିବାର ସୁଯୋଗ ଦେବାକୁ ବିପ୍ଳବ କୁମାର ସଭାରେ ଅପିଲ କରିଥିଲେ। ଭାଜପା ଓଡିଶା ଲୋକଙ୍କୁ ହିଁ ମୁଖ୍ୟମନ୍ତ୍ରୀ କରିବ, ତାମିଲନାଡୁରୁ ଆସିଥିବା ଲୋକଙ୍କୁ ନୁହେଁ ବୋଲି ସେ କହିଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ରାଜ୍ୟର ଶାସନ ଭାର ଅନ୍ୟ ଜଣଙ୍କ ହାତରେ ଟେକି ଦେଇଛନ୍ତି। ଆଗକୁ ମଧ୍ୟ ସେପରି ହେବାକୁ ଯାଉଛି ବୋଲି ବିପ୍ଳପଦେବ ପ୍ରକାଶ କରି କିପରି ନିର୍ବାଚନ ଜିତିବା ସେ ନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ସରକାରଙ୍କ ବିଫଳତା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଲୋକମାନଙ୍କୁ ଅବଗତ କରାଇବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଲୋକ ସଭା ପ୍ରାର୍ଥୀ କାଳୀରାମ ମାଝି, ବିଧାୟକ ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ, ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଶିବାଜୀ ଦାସ, ବରିଷ୍ଠ ନେତା ୱାଇ.ଗଣପତି, ନଗର ସଭାପତି ବଦ୍ରି ମହାନ୍ତି, ଆଦିବାସୀ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ।



ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବଦେବ ଉଦ୍‌ବୋଧନ ଦେଉଛନ୍ତି।

## ପୋଲିସ-ମାଓବାଦୀ ଗୁଳି ବିନିମୟ, ସାମଗ୍ରୀ ଜବତ

ମାଲକାନଗିରି,୪।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ପୋଲିସ-ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ମାଓବାଦୀମାନେ ପୋଲିସର ସାମ୍ନାକରି ନ ପାରି ଲୁଚି ପଳାଇଛନ୍ତି। ପୋଲିସ ଘଟଣାସ୍ଥଳରୁ କେତେକ ସାମଗ୍ରୀ ଜବତ କରିଛି।

ସୂଚନା ଅନୁଯାୟୀ, ସୁକ୍‌ମା ଜିଲା ରାଇଗୁଡାମ ଅଞ୍ଚଳରେ ବହୁ ସଂଖ୍ୟକ ମାଓବାଦୀ ଥିବା ସମ୍ପର୍କରେ ସୂଚନା ପାଇ ଡିଆର୍‌ଜି, ପୋଲିସ ଏବଂ କୋବ୍ରା ବାଟାଲିୟନ ଯବାନମାନେ ତଲାସି କରିଥିଲେ। ଶୁକ୍ରବାର ରାତିରେ ଯବାନମାନେ ତଲାସି ସାରି ଫେରୁଥିବା ବେଳେ ଜଙ୍ଗଲ ମଧ୍ୟରେ ଲୁଚିଥିବା ମାଓବାଦୀଙ୍କ ସହ ସାମ୍ନାସାମ୍ନି ହୋଇଥିଲା। ତେବେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିବା ବେଳେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। କିଛି ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ଯବାନଙ୍କୁ ସାମ୍ନା କରି ନ ପାରି ସେଠାରୁ ଲୁଚି ପଳାଇଥିଲେ। ତେବେ ଯବାନମାନେ ରାତି ତମାମ ତଲାସି ଜାରି ରଖିଥିବା ବେଳେ କେତେକ ମାଓବାଦୀ ସାମଗ୍ରୀ ଜବତ କରିଥିଲେ। ଖବର ଲେଖାହେବା ସୁଦ୍ଧା ଅଞ୍ଚଳରେ ମଧ୍ୟ ତଲାସି ଜାରି ରହିଥିବା ସୁକ୍‌ମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି।

## ପୋଷ୍ଟାଲ ବାଲଟରେ ୩୨୮ ଭୋଟ ଦେଲେ

ଡାବୁଗାଁ, ୪।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଭୈରବ ସ୍ନାତକ ମହାବିଦ୍ୟାଳୟ, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପୋଲିଂ ଅଧିକାରୀଙ୍କୁ ନେଇ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ନିର୍ବାଚନ ସମୟରେ ଇଭିଏମ ପରିଚାଳନା ଓ ନିର୍ବାଚନୀ ସମ୍ବନ୍ଧୀୟ କାଜଗପତ୍ର ପରିଚାଳନା ଉପରେ ତାଲିମ ଦିଆଯାଇଥିଲା। ଡାବୁଗାଁ ସ୍ଥିତ ତାଲିମ କାର୍ଯ୍ୟକ୍ରମରେ ୩ ଦିନରେ ମୋଟ ୧୪୩୭ ଜଣ ପୋଲିଂ ଅଧିକାରୀ ତାଲିମ ନେଇଥିଲେ। ଏଥିରେ ୩ ସ୍ଥାନରେ ୯ ପ୍ରକୋଷ୍ଠରେ ପ୍ରିଜାଇଡିଂ, ପୋଲିଂ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି। ପୋଷ୍ଟାଲ ବ୍ୟାଲଟ ଭୋଟିଂ କରାଯାଇଥିଲା। ୩ ଦିନରେ ମୋଟ ୩୨୮ ଜଣ ପୋଷ୍ଟାଲ ବ୍ୟାଲଟ ମାଧ୍ୟମରେ ଭୋଟ ଦେଇଥିଲେ। ଡାବୁଗାଁ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, କୋଷାଗୁମୁଡ଼ା ବିଡିଓ ଆଶିଷ ରଞ୍ଜନ ତ୍ରିପାଠୀ, କୋଡିଗାଁ ତହସିଲଦାର ସୁବ୍ରତ ବେହେରା, ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ, ତହସିଲଦାର ତପନ ନାୟକ, ଡାବୁଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଚୌଧୁରୀ, କୋଡିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପଞ୍ଚାନନ ଦୁରିଆ ଓ ରବିନାରାୟଣ ପାଣିଗ୍ରାହୀ, ମଇଦଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ବାଳକୃଷ୍ଣ ବିଷୋୟୀ ପ୍ରମୁଖ ତାଲିମ ଦେଇଥିଲେ। ଡାବୁଗାଁ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ଓ ପର୍ଶୁରାମ ମାଳୀ ପରିଚାଳନା କରିଥିଲେ। ବ୍ଲକ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



ପୋଲିଂ ଅଧିକାରୀମାନେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ଭୋଟ ଦେଉଛନ୍ତି।

## ସ୍କୁଟି ସହ ଗଞ୍ଜେଇ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି/ପାଟପୁର,୪।୫
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ପାଟପୁର ପୋଲିସ ଶନିବାର ପୋଡାମାରୀ ବନବିଭାଗ ତନଖି ଫାଟକ ନିକଟରୁ ୨୨ କେଜି ଗଞ୍ଜେଇ ଓ ଏକ ସ୍କୁଟି ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ଗଜପତି ଜିଲା ମୋହନା ଗ୍ରାମର ନବୀନ କୁମାର ନାୟକ(୨୮)ଙ୍କୁ କୋର୍ଟଚାଲାଣ କରିଛି। ପାଟପୁର ପୋଲିସ ଟିମ ତପ୍ତପାଣି ରାସ୍ତାର ପୋଡାମାରୀ ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଜଣକ ଏକ ସ୍କୁଟି ( ନଂ. ଓ ଡି ୨୦ ସି ୬୨୨୫) ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ସ୍କୁଟିକୁ ଅଟକାଇ ଯାଞ୍ଚ କରାଯିବାରୁ ସେଥିରେ ୨୧ କେଜି ୯୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ପାଟପୁର ଥାନା ମାମଲା ନଂ. ୨୯୪/୨୪ ଦଫା ୨୦(ବି) ଆଇଆଇ(ସି) ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ ପରେ ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରାଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳ 'ନୋ ଫ୍ଲାଇଂ ଜୋନ'

ନବରଙ୍ଗପୁର,୪।୫(ସଦାଶିବ ପ୍ରହରାଜ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୬ ତାରିଖରେ ନବରଙ୍ଗପୁର ଆସିବେ। ସେ ପାପଡ଼ାହାଣ୍ଡିସ୍ଥିତ ଚିକିଲି ପଡ଼ିଆରେ ଆୟୋଜିତ ନିର୍ବଚନୀ ସଭାରେ ଯୋଗଦେବେ। ଏଠାରେ ପ୍ରବଳ ଜନସମାଗମ ହେବ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ ଚିକିଲି ପଡ଼ିଆ ଅଞ୍ଚଳକୁ ୪ରୁ ୬ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ 'ନୋ ଫ୍ଲାଇଂ ଜୋନ' ଭାବେ ଘୋଷଣା କରାଯାଇଛି। ଏହି ଅଞ୍ଚଳରେ ଡ୍ରୋନ୍ କ୍ୟାମେରାକୁ ବାରଣ କରାଯାଇ କଟକଣା ଜାରି କରାଯାଇଛି। ଏ ନେଇ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ କମଲଲୋଚନ ମିଶ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଖରା ଚଳଚଞ୍ଚଳ ଜୀବନକୁ କରୁଛି ଅତିଷ୍ଠ

ହାଟ ମୁନିଗୁଡା,୪।୫(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ପଞ୍ଚାୟତରେ ଖରା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରବଳ ଖରାଯୋଗୁ ଅଞ୍ଚଳରେ ଦୋକାନ ବଜାର ଶୀଘ୍ର ବନ୍ଦ ହୋଇଯାଉଛି। ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲୋକେ ଘରୁ ବାହାରକୁ ବାହାରିପାରୁନାହାନ୍ତି। ବୟସ୍କ ଓ ଛୋଟ ପିଲା ବେଶ୍ କଷ୍ଟ ପାଉଛନ୍ତି। ଏପରି ଖରା ପୂର୍ବରୁ କେବେ ହୋଇ ନ ଥିବା ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି।




ଖରାଯୋଗୁ ଶୁନଶାନ ହୋଇ ପଡିଥିବା ରାସ୍ତା ।

# ସରକାରୀ ନିର୍ଦ୍ଦେଶକୁ ଫୁ, ଖରାରେ କାମ କରୁଛନ୍ତି ଶ୍ରମିକ

ରାୟଗଡ଼ା,୪।୫(ଭାଗ୍ୟଶ୍ରୀ ମିଶ୍ର)



- ଇଟାଭାଟିରେ ଖରା ଗରମରେ କଲବଲ ହେଉଛନ୍ତି ଶ୍ରମିକ
- ଥଣ୍ଡା ପାଣି, ରେଷ୍ଟ ଶେଡ୍ ବ୍ୟବସ୍ଥା ନାହିଁ
- ବିଭାଗୀୟ ଅଧିକାରୀ ନିୟମିତ ଯାଞ୍ଚ କରୁ ନ ଥିବା ଅଭିଯୋଗ

ପ୍ରଚଣ୍ଡ ଖରା ଗରମରେ ଜଳୁଛି ଓଡ଼ିଶା। ସେଥିରୁ ବାଦ୍‌ପଡ଼ିନି ରାୟଗଡ଼ା ଜିଲା। ଖରାରେ କାମ କରିବା ଅସହ୍ୟ ହେଉଥିବାରୁ ଶ୍ରମିକଙ୍କୁ ଏହି ସମୟରେ କାମରେ ନିୟୋଜିତ କରାଇବାକୁ ସରକାର ବାରଣ କରିଛନ୍ତି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ନ କରାଇବାକୁ ସରକାରୀ ନିର୍ଦ୍ଦେଶ ରହିଛି। ଏହାକୁ କଡ଼ାକଡ଼ି ପାଳନ କରିବାକୁ ସ୍ୱତନ୍ତ୍ର ବିଭାଗୀୟ ରିଲିଫ୍ କମିଶନର ସମସ୍ତ ଜିଲାପାଳଙ୍କୁ ଚିଠି କରିଛନ୍ତି। କିନ୍ତୁ ରାୟଗଡ଼ା ଜିଲାରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି।

ରାୟଗଡ଼ା ଜିଲାର ପ୍ରତ୍ୟେକ ଗ୍ରାମାଞ୍ଚଳରେ ଠିକା ସଂସ୍ଥା ଶ୍ରମିକଙ୍କୁ ଇଟାଭାଟି ଗୁଡ଼ିକରେ କାମ କରାଇଥାଆନ୍ତି। ସେ ସବୁ ସ୍ଥାନରେ ପ୍ରଶାସନିକ ଯାଞ୍ଚ ହେଉ ନ ଥିବାରୁ ଠିକାଦାର ମନମୁଖି କାମ କରୁଥିବା ଅଭିଯୋଗ ହେଉଛି । ଖରା ପାଇଁ କାମ ସାଇଟ୍‌ରେ ରେଷ୍ଟ ଶେଡ୍, ଥଣ୍ଡା ପାଣି ଏବଂ ଓଆର୍‌ଏସ୍ ବ୍ୟବସ୍ଥା କରିବାକୁ ସରକାରୀ ଗାଇଡ୍ ଲାଇନ ଥିଲେ ସୁଦ୍ଧା ଅମ୍ଳାଭଟ୍ଟାର ଏକ ଇଟାଭାଟିରେ ଏସବୁ ନିୟମକୁ ଉଲ୍ଲଂଘନ କରାଯାଉଛି। ଅମ୍ଳାଭଟା ଗ୍ରାମର ଏକ ସିମେଣ୍ଟ ଇଟାଭାଟି ଶ୍ରମିକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଆଗରୁ ୧୫୦୦ ଇଟା ଗଢ଼ିପାରୁଥିଲୁ; କିନ୍ତୁ ଟାଣ ଖରା ଯୋଗୁ କାମ କରିବା କ୍ଷମତା ବଢୁନାହିଁ। ବିଶ୍ରାମ ନେବା ପାଇଁ ସମୟ ଦିଆଯାଏ ନାହିଁ। ପରିବାର ପ୍ରତିପୋଷଣ ପାଇଁ ଏଠାରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ବାଳିକା କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଟ୍ରିକ ପାସ୍ କରିଥିଲେ ସୁଦ୍ଧା ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପାଠ ଛାଡ଼ି ବାଧ୍ୟ ହୋଇ ଘର ଚଳାଇବା ପାଇଁ ଇଟାଭାଟିରେ କାମ କରୁଥିବା ସେ କହିଛନ୍ତି। ସକାଳ ୮ଟାରେ କାମକୁ ଆସି ଯିବା ବେଳକୁ ୫ ରୁ ୬ ଟା ହେଉଥିବା ଶ୍ରମିକମାନେ କହିଛନ୍ତି। କାମ କରିବାର କୌଣସି ସମୟ ସୀମା ମଧ୍ୟ ରହୁ ନଥିବା ଅଭିଯୋଗ ହେଉଛି। ଖରାରେ କାମ କରିବାବେଳେ କୌଣସି ଶ୍ରମିକ ଅଂଶୁଘାତର ଶିକାର ହେଲେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏଭଳି ଖରାରେ କାର୍ଯ୍ୟ କରାଉଥିବା ମାଲିକ ଏବଂ ଠିକାସଂସ୍ଥାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ପ୍ରଶାସନିକ ସ୍ତରରେ ନିୟମିତ ଯାଞ୍ଚ କରାଗଲେ ଏସବୁ ହେବ ନାହିଁ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଜସ୍ମିନ ସାହୁଙ୍କୁ ଯୋଗାଯୋଗ କରିବାରୁ କ୍ଷେତ୍ର ପରିଦର୍ଶନ କରାଯାଉଛି। ଶ୍ରମିକଙ୍କୁ ଖରାରେ କାମ ନ କରାଇବାକୁ ତାଗିଦା କରାଯାଉଛି। ସୁବିଧା ସୁଯୋଗ ଦେବାକୁ ଦାବି ହେଲେ ଇଟାଭାଟି ମାଲିକଙ୍କୁ ତାଗିଦା କରିବୁ ବୋଲି କହିଛନ୍ତି। ଏନେଇ ଅମ୍ଳାଭଟାର ଇଟାଭାଟି ମାଲିକ ଦେବୀ ପ୍ରସାଦ ସାହୁଙ୍କୁ ପଚାରିବାରୁ ଏମିତି ସରକାରୀ ନିୟମ ବିଷୟରେ ଜାଣି ନ ଥିବା ସେ କହିଛନ୍ତି। ଆଗକୁ ଖରାରେ ଶ୍ରମିକଙ୍କୁ କାମ କରାଇବେନି ବୋଲି ମତ ଦେଇଛନ୍ତି।

# ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

**ନବରଙ୍ଗପୁର,୪।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସର୍କିଟ୍ ହାଉସ୍ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ସେ କାଳିଆ ଯୋଜନା, ଲକ୍ଷ୍ମୀ ବସ୍ ଯୋଜନା, ୫-ଟି ସ୍କୁଲ, ମିଶନ ଶକ୍ତି କିଭଳି ଲାଗୁଚି ବୋଲି ପ୍ରଶ୍ନ କରିବା ସହ ନବୀନ ପଟ୍ଟନାୟକ ଓ ଶଙ୍ଖଚିହ୍ନ କିଭଳି ଲାଗୁଛି ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପଚାରିଥିଲେ। ଉତ୍ତରରେ ଜନସାଧାରଣ ଭଲ ଲାଗୁଛି ବୋଲି କହିଥିଲେ। ଏହାପରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ମଞ୍ଚରେ ବିଜେଡି ନେତା କାର୍ତ୍ତିକ ପଣ୍ଡିଆନଙ୍କ ସହ ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଓ ଏହା ଅଧୀନରେ ଆସୁଥିବା ୭ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଉପସ୍ଥିତ ଥିଲେ। ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ସଭାରେ ଯୋଗ ଦେଇଥିବା ବିଭିନ୍ନ ଧର୍ମାବଲମ୍ବୀଙ୍କୁ ସ୍ୱାଗତ କରି ଲୋକ ସଭା କ୍ଷେତ୍ରର ବିକାଶ ଉପରେ କହିଥିଲେ।

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡିରେ ଡିଗ୍ରୀ କଲେଜ ଖୋଲିବା ପାଇଁ ଅନୁମୋଦନ ମିଳିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଆସିଛନ୍ତି ବୋଲି ଝରିଗାଁ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି କହିଥିଲେ। ଡାବୁଗାଁ ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରି ହଷ୍ଟେଲ ଶିକ୍ଷା, ମମତା ଯୋଜନା, ହରିଶ୍ଚନ୍ଦ୍ର ଯୋଜନା, ଲକ୍ଷ୍ମୀ ବସ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିଭଳି ଲୋକାଭିମୁଖୀ ହୋଇପାରିଛି ଓ ଏହାର ସୁଫଳ ସମ୍ପର୍କରେ ମତ ଦେଇଥିଲେ। ଭାଜପା ଓ କଂଗ୍ରେସ ମିଛ ପ୍ରଚାର କରୁଛନ୍ତି ବୋଲି କହିବା ସହ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ମାଲକାନଗିରି ବିଧାୟକ ପ୍ରାର୍ଥୀ ମାନସ ମାଡ଼କାମୀ ଗମନାଗମନ ସୁବିଧା ସମ୍ପର୍କରେ କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିଭଳି ପ୍ରତ୍ୟେକ ପରିବାରକୁ ସହାୟକ ହୋଇପାରିଛି ସେ ସମ୍ପର୍କରେ ମତ ଦେବା ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ମହିଳାଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଅନେକ ଯୋଜନା କରିଥିବା ନବରଙ୍ଗପୁର ବିଧାୟିକା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ କହିଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ଭୋଟଦେଇ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରାନ୍ତୁ ବୋଲି ସେ କହିଥିଲେ। ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାକୁ ଅନୁଦାନ ଓ ଆବର୍ତ୍ତନ ପାଣ୍ଠି ମାଧ୍ୟମରେ ବ୍ୟବସାୟ ବୃଦ୍ଧି କରାଇଛନ୍ତି ବୋଲି ଉମରକୋଟ ପ୍ରାର୍ଥୀ ନବୀନା ନାୟକ କହିଥିଲେ। କୋଟପାଡ଼ ପ୍ରାର୍ଥୀ ଚନ୍ଦ୍ରଶେଖର ମାଝି ବିଜେଡି ସରକାରଙ୍କ ଜନ ହିତକର ଯୋଜନା ଉପରେ ଆଲୋକପାତ କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କହିଥିଲେ। ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଧନ୍ୟବାଦ ଦେଇଥିଲେ।




ମଞ୍ଚରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍, ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି, ଝରିଗାଁ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀ, ମାଲକାନଗିରି ବିଧାୟକ ପ୍ରାର୍ଥୀ ମାନସ ମାଡକାମୀ, ନବରଙ୍ଗପୁର ବିଧାୟକ ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ ଓ ଉମରକୋଟ ବିଧାୟକ ପ୍ରାର୍ଥୀ ନବୀନା ନାୟକ।




ଜନସମାବେଶରେ ଯୋଗ ଦେଇଥିବା ବିଜେଡି ସମର୍ଥକମାନେ।

## ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳକୁ 'ନୋ ଫ୍ଲାଇଂ ଜୋନ' ଘୋଷଣା

**ନବରଙ୍ଗପୁର,୪।୫(ସଦାଶିବ ପ୍ରହରାଜ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୬ ତାରିଖରେ ନବରଙ୍ଗପୁର ଆସିବେ। ସେ ପାପଡ଼ାହାଣ୍ଡିସ୍ଥିତ ଚିକିଲି ପଡ଼ିଆରେ ଆୟୋଜିତ ନିର୍ବଚନୀ ସଭାରେ ଯୋଗଦେବେ। ଏଠାରେ ପ୍ରବଳ ଜନସମାଗମ ହେବ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ ଚିକିଲି ପଡ଼ିଆ ଅଞ୍ଚଳକୁ ୪ରୁ ୬ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ 'ନୋ ଫ୍ଲାଇଂ ଜୋନ' ଭାବେ ଘୋଷଣା କରାଯାଇଛି। ଏହି ଅଞ୍ଚଳରେ ଡ୍ରୋନ୍ କ୍ୟାମେରାକୁ ବାରଣ କରାଯାଇ କଟକଣା ଜାରି କରାଯାଇଛି। ଏ ନେଇ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ କମଳଲୋଚନ ମିଶ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ପାଟ୍ରୋଲିଂବେଳେ ଟ୍ରକ୍‌ରୁ ମିଳିଲା ୫୦୦ ବସ୍ତା ମହୁଲ

**ଛତିଶଗଡ଼ର ୨ଜଣ ଗିରଫ**

**ଉମରକୋଟ, ୪।୫(ସନ୍ତୋଷ ଶତପଥୀ)**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ଅବକାରୀ ଆୟୁକ୍ତ ନରସିଂହ ଭୋଳ ଓ ନବରଙ୍ଗପୁର ଜିଲାପାଳ ଡକ୍ଟର କମଳଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଇ ଏହି ୫୦୦ ବସ୍ତା ମହୁଲ ଜବତ କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ଗରିଆବନ୍ଦ ଜିଲା ବୃନ୍ଦାବନଗଡ଼ ଅଞ୍ଚଳର ମହେଶ୍ୱର କୁମାର ନାଗେଶ ଓ ଭୂପେନ୍ଦ୍ର ଧ୍ରୁୱ। ମହୁଲ ସବୁ ଛତିଶଗଡ଼ ଯାଉଥିବା ଅଭିଯୁକ୍ତମାନେ କହିଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଭ୍ରାମ୍ୟମାଣ ଏବଂ ୟୁନିଟ୍‌ଅବକାରୀ ନିରୀକ୍ଷକ ଓ ଉମରକୋଟ ଓଆଇସି ଷ୍ଟାଫ୍‌ମାନଙ୍କ ସହ ଶନିବାର ସନ୍ଧ୍ୟାରେ ଥାଟବେଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଚଟା ପଟୁ ଝରିଗାଁ ଆଡ଼କୁ ଆସୁଥିବା ଏକ ଟ୍ରକ୍‌କୁ ସନ୍ଦେହରେ ଅଟକାଇଥିଲେ। ଗାଡ଼ିରୁ ମହୁଲ ବାସ୍ନା ଆସୁଥିବାରୁ ଟ୍ରକ୍‌କୁ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୫୦୦ ମହୁଲ ବସ୍ତା ଜବତ ହୋଇଥିଲା। ସେଥିରେ ପ୍ରାୟ ୧୭,୫୦୦ କିଗ୍ରା ମହୁଲ ଥିଲା। ମହୁଲର କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ଡ୍ରାଇଭର ମହେଶ୍ୱର କୁମାର ନାଗେଶ ଓ ହେଲ୍‌ପର ଭୂପେନ୍ଦ୍ର ଧ୍ରୁୱଙ୍କୁ ଗିରଫ କରାଯାଇଛି। ଜବତ ମହୁଲକୁ ଉମରକୋଟ ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ଜିମାରେ ହସ୍ତାନ୍ତର କରାଯାଇଛି। ଜବତ ଟ୍ରକ୍‌କୁ ଉମରକୋଟ ଅବକାରୀ କାର୍ଯ୍ୟାଳୟରେ ରଖାଯାଇଛି। ଏବେ ଏହାର ତଦନ୍ତ ଚାଲିଛି। ଜବତ ମହୁଲର ବଜାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଚଢ଼ାଉରେ ନବରଙ୍ଗପୁର ଜିଲା ଅବକାରୀ ମୋବାଇଲ ୟୁନିଟର ଇନ୍ସପେକ୍ଟର ବି. ମଣ୍ଡଳ, ଏସ୍‌ଆଇ ବିଙ୍ଗରାଜ ଦାମୀ, ମୋବାଇଲ ୟୁନିଟ ଉମରକୋଟ ଅବକାରୀ ଇନ୍ସପେକ୍ଟର ରଞ୍ଜୁଲତା ବାରିକ, ଅବକାରୀ ଥାନା ଓଆଇସି ତିଳକ ରାମ ନାୟକ, ଉମରକୋଟ ଅବକାରୀ ଥାନା ଏଏସ୍‌ଆଇ ମାଖନ ହାଲଦାର, ଅବକାରୀ କନ୍‌ଷ୍ଟେବଳ ସୁବାସ ଗୌଡ଼, ଦେବାଶିଷ ଦାସ, ଅନନ୍ତ ମଲ୍ଲିକ, ପ୍ରସାଦ ବଳବନ୍ତରାୟ, ମହେନ୍ଦ୍ର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।



ଅବକାରୀ କର୍ମଚାରୀଙ୍କ ସହ ଜବତ ଟ୍ରକ୍ ଓ ଗିରଫ ଅଭିଯୁକ୍ତ।

## କିରାମାହା ଗ୍ରାମରେ ଚୈତ୍ର ରେସା ପର୍ବ

**ବ୍ରାହ୍ମଣୀଗାଁ,୪।୫,(ମନୋରଞ୍ଜନ ରଣା)**

ଦାରିଙ୍ଗବାଡ଼ି ବ୍ଲକ ଝିଞ୍ଜିରିଗୁଡ଼ା ପଞ୍ଚାୟତର କିରାମାହା ବଡ଼ସାହିରେ ହିନ୍ଦୁ ଆଦିବାସୀମାନଙ୍କର ଧରଣୀ ପେନୁ ରେସା ଯାତ୍ରା ଏକ ପାରମ୍ପରିକ ପର୍ବ ଭାବେ ପାଳନ କରିଥାନ୍ତି। ହିନ୍ଦୁ ଆଦିବାସୀମାନଙ୍କର ଚଳିତ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଦିନ ଚୈତ୍ର ରେସା ପର୍ବ ଆରମ୍ଭ ହୋଇ ୧୧ ଦିନ ଧରି ଚାଲିଥାଏ। ପୂର୍ବ ପୁରୁଷରୁ ରୀତି ନୀତି ଅନୁସାରେ ଏହି ଚୈତ୍ର ରେସା ପର୍ବ ପାଳନ କରାଯାଏ। ଏହି ପୂଜାଟିରେ ମୁଖ୍ୟତଃ ନୂଆ ଆମ୍ବ, ମହୁଲ,ବିହନ ପୂଜା ଓ ଗୃହ ପାଳିତ ପଶୁ ମାନଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବା ପାଇଁ ଗୁହାଳ ପୂଜା କରିଥାନ୍ତି ବୋଲି ମୂଖ୍ୟ ଯାନୀ ଡ଼ାକାସା ମଲିକ କହିଛନ୍ତି। ଏହି ଯାତ୍ରାରେ ଗଜପତିର ଦମଦୁଆ, ବୁଲେରି, ବାଲିଗଣ୍ଡା ଏବଂ କନ୍ଧମାଳର କିରାମାହା, ରାମ୍ବେଲି, ଟୁଡୁବିଜୁ, କୁମ୍ଭାରିଗାଁ, ଗଡମା, ଝିଞ୍ଜିରିଗୁଡ଼ା ଆଦି ଗ୍ରାମର ହିନ୍ଦୁ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ରୁଣ୍ଡ ହୋଇ ଧରଣୀ ପେନୁ ଯାତ୍ରାରେ ଅଂଶ ଗ୍ରହଣ କରିଥାନ୍ତି।

## ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଡାବୁଗାଁ, ୪।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଭୈରବ ସ୍ନାତକ ମହାବିଦ୍ୟାଳୟ, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପୋଲିଂ ଅଧିକାରୀଙ୍କୁ ନେଇ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ନିର୍ବାଚନ ସମୟରେ ଇଭିଏମ ପରିଚାଳନା ଓ ନିର୍ବାଚନୀ ସମ୍ବନ୍ଧୀୟ କାଜଗପତ୍ର ପରିଚାଳନା ଉପରେ ତାଲିମ ଦିଆଯାଇଥିଲା। ଡାବୁଗାଁ ସ୍ଥିତ ତାଲିମ କାର୍ଯ୍ୟକ୍ରମରେ ୩ ଦିନରେ ମୋଟ ୧୪୩୭ ଜଣ ପୋଲିଂ ଅଧିକାରୀ ତାଲିମ ନେଇଥିଲେ। ଏଥିରେ ୩ ସ୍ଥାନରେ ୯ ପ୍ରକୋଷ୍ଠରେ ପ୍ରିଜାଇଡିଂ, ପୋଲିଂ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି। ପୋଷ୍ଟାଲ ବ୍ୟାଲଟ ଭୋଟିଂ କରାଯାଇଥିଲା। ୩ ଦିନରେ ମୋଟ ୩୨୮ ଜଣ ପୋଷ୍ଟାଲ ବ୍ୟାଲଟ ମାଧ୍ୟମରେ ଭୋଟ ଦେଇଥିଲେ। ଡାବୁଗାଁ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, କୋଷାଗୁମୁଡ଼ା ବିଡିଓ ଆଶିଷ ରଞ୍ଜନ ତ୍ରିପାଠୀ, କୋଡିଗାଁ ତହସିଲଦାର ସୁବ୍ରତ ବେହେରା, ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ, ତହସିଲଦାର ତପନ ନାୟକ, ଡାବୁଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଚୌଧୁରୀ, କୋଡିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପଞ୍ଚାନନ ଦୁରିଆ ଓ ରବିନାରାୟଣ ପାଣିଗ୍ରାହୀ, ମଇଦଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ବାଳକୃଷ୍ଣ ବିଷୋୟୀ ପ୍ରମୁଖ ତାଲିମ ଦେଇଥିଲେ। ଡାବୁଗାଁ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ଓ ପର୍ଶୁରାମ ମାଳୀ ପରିଚାଳନା କରିଥିଲେ। ବ୍ଲକ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



ପୋଲିଂ ଅଧିକାରୀମାନେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ଭୋଟ ଦେଉଛନ୍ତି।

## ସ୍କୁଟି ସହ ଗଞ୍ଜେଇ ଜବତ, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି/ପାଟପୁର,୪।୫ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)**

ପାଟପୁର ପୋଲିସ ଶନିବାର ପୋଡାମାରୀ ବନବିଭାଗ ତନଖି ଫାଟକ ନିକଟରୁ ୨୨ କେଜି ଗଞ୍ଜେଇ ଓ ଏକ ସ୍କୁଟି ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ଗଜପତି ଜିଲା ମୋହନା ଗ୍ରାମର ନବୀନ କୁମାର ନାୟକ(୨୮)ଙ୍କୁ କୋର୍ଟଚାଲାଣ କରିଛି। ପାଟପୁର ପୋଲିସ ଟିମ ତପ୍ତପାଣି ରାସ୍ତାର ପୋଡାମାରୀ ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଜଣକ ଏକ ସ୍କୁଟି ( ନଂ. ଓ ଡି ୨୦ ସି ୬୨୨୫) ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ସ୍କୁଟିକୁ ଅଟକାଇ ଯାଞ୍ଚ କରାଯିବାରୁ ସେଥିରେ ୨୧ କେଜି ୯୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏ ନେଇ ପାଟପୁର ଥାନା ମାମଲା ନଂ. ୨୯୪/୨୪ ଦଫା ୨୦(ବି) ଆଇଆଇ(ସି) ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ ପରେ ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରାଯାଇଥିଲା।

## ପୋଲିସ-ମାଓବାଦୀ ଗୁଳି ବିନିମୟ, ସାମଗ୍ରୀ ଜବତ

**ମାଲକାନଗିରି,୪।୫(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲାରେ ପୋଲିସ-ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ମାଓବାଦୀମାନେ ପୋଲିସର ସାମ୍ନାକରି ନ ପାରି ଲୁଚି ପଳାଇଛନ୍ତି। ପୋଲିସ ଘଟଣାସ୍ଥଳରୁ କେତେକ ସାମଗ୍ରୀ ଜବତ କରିଛି।

ସୂଚନା ଅନୁଯାୟୀ, ସୁକ୍‌ମା ଜିଲା ରାଇଗୁଦାମ ଅଞ୍ଚଳରେ ବହୁ ସଂଖ୍ୟକ ମାଓବାଦୀ ଥିବା ସମ୍ପର୍କରେ ସୂଚନା ପାଇ ଡିଆର୍‌ଜି, ପୋଲିସ ଏବଂ କୋବ୍ରା ବାଟାଲିୟନ ଯବାନମାନେ ତଲାସି କରିଥିଲେ। ଶୁକ୍ରବାର ରାତିରେ ଯବାନମାନେ ତଲାସି ସାରି ଫେରୁଥିବା ବେଳେ ଜଙ୍ଗଲ ମଧ୍ୟରେ ଲୁଚିଥିବା ମାଓବାଦୀଙ୍କ ସହ ସାମ୍ନାସାମ୍ନି ହୋଇଥିଲା। ତେବେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିବା ବେଳେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। କିଛି ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ଯବାନଙ୍କୁ ସାମ୍ନା କରି ନ ପାରି ସେଠାରୁ ଲୁଚି ପଳାଇଥିଲେ। ତେବେ ଯବାନମାନେ ରାତି ତମାମ ତଲାସି ଜାରି ରଖିଥିବା ବେଳେ କେତେକ ମାଓବାଦୀ ସାମଗ୍ରୀ ଜବତ କରିଥିଲେ। ଖବର ଲେଖାହେବା ସୁଦ୍ଧା ଅଞ୍ଚଳରେ ମଧ୍ୟ ତଲାସି ଜାରି ରହିଥିବା ସୁକ୍‌ମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି।

## ପୋଲିସ ପର୍ଯ୍ୟବେକ୍ଷକଙ୍କ ସମ୍ବେଦନଶୀଳ ବୁଥ୍ ପରିଦର୍ଶନ

**ଝରିଗାଁ,୪।୫(କିଶୋର ଚନ୍ଦ୍ର ମଣ୍ଡଳ)**

ଆସନ୍ତା ସାଧାରଣ ନିର୍ବାଚନ ଲାଗି ବ୍ୟାପକ ପ୍ରସ୍ତୁତ ଚାଲିଥିବାବେଳେ ସମ୍ବେଦନଶୀଳ ବୁଥ୍‌ରେ ଭୋଟର କିପରି ସୁବିଧାରେ ମତଦାନ କରିବେ ସେଥିପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ଏହି କ୍ରମରେ ଶନିବାର ଅପରାହ୍ନରେ ପୋଲିସ ପର୍ଯ୍ୟବେକ୍ଷକ ପ୍ରବୀଣ ସିଂ ମାଲ୍ ଝରିଗାଁ ବ୍ଲକ ଗସ୍ତ କରି ଧାମନାଗୁଡ଼ା, ହାତିବାଡି, ଧୁମାମ, କେବଡି ଏବଂ ଇଚ୍ଛାପୁର ଅଞ୍ଚଳରେ ଥିବା ବୁଥ ପରିଦର୍ଶନ କରିଥିଲେ। ଏଥିସହ ଲୋକଙ୍କ ସହ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ପଚାରି ବୁଝିଥିଲେ। ସମ୍ବେଦନଶୀଳ ବୁଥ୍ ତଥା ମାଓବାଦୀ ପ୍ରବଣ ଅଞ୍ଚଳରେ ଚେକ୍‌ପୋଷ୍ଟ, ପୋଲିସ ପାଟ୍ରୋଲିଂ ଉପରେ ଅଧିକ ଧ୍ୟାନ ଦେବାକୁ କହିଥିଲେ। ସେହିପରି ଅବୈଧ କାରବାର, ଅବକାରୀ ଦ୍ରବ୍ୟ ରୋକିବାକୁ ଅଧିକ ଚେକପୋଷ୍ଟ ସହ ପୋଲିସ ମୁତୟନ ଜରୁରୀ ବୋଲି କହିଥିଲେ। ଲାଇସେନ୍ସ ବନ୍ଧୁକ ଜମା କରିବା ସହିତ ନିର୍ବାଚନକୁ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଧିକାରୀ ନିଜ ଦାୟିତ୍ୱ ଠିକଭାବେ ପାଳନ କରିବାକୁ ସେ କହିଥିଲେ। ଏହି ସମୟରେ ଝରିଗାଁ ବିଡିଓ ପ୍ରୀତା କୁମାର, ଥାନାଧିକାରୀ ତପନ କୁମାର ପତି, ଜିପିଇଓ ରମେଶ ଚନ୍ଦ୍ର ହରିଜନ ଉପସ୍ଥିତ ଥିଲେ।



ପୋଲିସ ପର୍ଯ୍ୟବେକ୍ଷକ ଏକ ସମ୍ବେଦନଶୀଳ ବୁଥରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ପୋଷ୍ଟାଲ ବାଲଟ୍‌ରେ ଭୋଟ ଦେଲେ ୩୧୧

**ଝରିଗାଁ ନିର୍ବାଚନମଣ୍ଡଳୀରେ ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ**

**ଝରିଗାଁ,୪।୫(କିଶୋର ଚନ୍ଦ୍ର ମଣ୍ଡଳ)**

ନିର୍ବାଚନ ସୁପରିଚାଳନା ନେଇ ଝରିଗାଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ୧ ହଜାର ୬୨୭ ଜଣ ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଠାରେ ୩୧୧ଜଣ ପୋଷ୍ଟାଲ ବାଲଟ୍‌ରେ ମତଦାନ କରିଥିଲେ।

ବୁଥ୍‌ସ୍ତରରେ ନିର୍ବାଚନ ପରିଚାଳନା କରିବାର ସାଧାରଣ ନିୟମ, ନିର୍ବାଚନ ସାମଗ୍ରୀର ଯଥାଯଥ ବ୍ୟବହାର, ଇଭିଏମ୍, କଣ୍ଟ୍ରୋଲ ୟୁନିଟ୍, ବାଲଟ୍ ୟୁନିଟ୍, ଭିଭିପିଏଟିର ନିର୍ଭୁଲ୍ ବ୍ୟବହାର, ସିଲିଂ, ମକ୍ ପୋଲିଂର ସମସ୍ତ ଯାନ୍ତ୍ରିକ କୌଶଳ ଶିକ୍ଷା ଦିଆଯାଇଛି। ସମଗ୍ର ପୋଲିଂ ଟିମ୍ କିପରି ଦଳଗତ ପ୍ରତିବଦ୍ଧତାର ସହ ଲୋକ ସଭା ଓ ବିଧାନସଭା ନିର୍ବାଚନ ପରିଚାଳନା କରିପାରିବେ, ତାହାର ବିସ୍ତୃତ ଜ୍ଞାନ ମାଷ୍ଟର ଟ୍ରେନର ପ୍ରଦାନ କରିଥିଲେ। ଝରିଗାଁ ବିଡିଓ ପ୍ରିତା କୁମାର, ଚନ୍ଦାହାଣ୍ଡି ବିଡିଓ ରାମକୃଷ୍ଣ ନାୟକ, ଚନ୍ଦାହାଣ୍ଡି ତହସିଲଦାର, ଚନ୍ଦାହାଣ୍ଡି ଅତିରିକ୍ତ ତହସିଲଦାର ଏବଂ ଝରିଗାଁ ଅତିରିକ୍ତ ତହସିଲଦାର ଅହଲ୍ୟା ମୁଦୁଲିଙ୍କ ତତ୍ତ୍ୱାବଧାନରେ ପୋଲିଂ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ତଥା ନିରପେକ୍ଷତାର ସହିତ ସଞ୍ଚାଳନ କରିବା ପାଇଁ ପୋଲିଂ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏଇ ବିନିତ୍ କୁମାର ମିଶ୍ର, ଜିପିଇଓ ରମେଶ ଚନ୍ଦ୍ର ହରିଜନ, ସମସ୍ତ ସେକ୍ଟର ଅଫିସର ଏବଂ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

